## ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣର ସୁପରିଚାଳନା ନିମନ୍ତେ ପର୍ଯ୍ୟବେକ୍ଷକଙ୍କର ବୃତାନ୍ତ

## ସମୀକ୍ଷା ବୈଠକ ।

ଅନୁଗୋଳ,ତା.୨୧.୦୪:- ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଛେଣ୍ଡିପଦା ଓ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରେ ଶାନ୍ତି ପୂର୍ଣ୍ଣ ଭାବେ ଭୋଟ ଗ୍ରହଣ କାର୍ଯ୍ୟ ପରିଚାଳନା ନିମନ୍ତେ ନିୟୋଜିତ କର୍ମଚାରୀମାନଂକ ସହ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ବିଦ୍ୟୁତ୍ ତ୍ରିବେଦୀଂକ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ ପଞ୍ଚାୟତ ତାଲିମ ଗୃହ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ସହ ପ୍ରାର୍ଥୀମାନଂକର ଖର୍ଚ୍ଚର କଡା କଡି ହିସାବ ରଖିବାକୁ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନଂକୁ ସେ ପରାମର୍ଶ ଦେଇଛନ୍ତି । ସମସ୍ତ ପ୍ରକାର ରେଜିଷ୍ଟାର ଗୁଡିକ ସଠିକ୍ ଭାବେ ନିର୍ଦ୍ଧାରିତ ସମୟରେ ପରିଚାଳନା କରାଯାଉଛି କି ନାହିଁ ସେ ସମୀକ୍ଷା କରିଥିଲେ । ପ୍ରାର୍ଥୀମାନଂକର ସମସ୍ତ ପ୍ରକାର ଖର୍ଚ୍ଚକୁ ଅପ୍‌ଡେଟ କରିବା ସହ ଭିଡିଓ ସର୍ଭେଲାନ୍ସ ଟିମ୍ ସମସ୍ତ ପ୍ରକାର ରେକର୍ଡିଂକୁ ଆଜି ସନ୍ଧ୍ୟା ସୁଦ୍ଧା ଭିଡିଓ ଭିଉଇଙ୍ଗ୍ ଟିମକୁ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି । ମେଡିଆ ସିର୍ଟିଫିକେସନଓ ମନିଟରିଂ କମିଟୀ ସମସ୍ତ ପ୍ରକାର ତଥ୍ୟ ଆକାଉଣ୍ଟିଂ ଟିମ୍‌କୁ ପ୍ରଦାନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ସମସ୍ତ ଟିମ୍ ସହିତ ଉପଯୁକ୍ତ ସମନ୍ୱୟ ରଖି ତଥ୍ୟ ଗୁଡିକୁ ସଂଗ୍ରହ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତ ଅନ୍ୟ ଜଣେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ଏସ୍ ତୀରାମୁର୍ଥୀ ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଂକ ସହ ମତଦାନ କେନ୍ଦ୍ରଗୁଡିକରେ ଜିଲ୍ଲା ପ୍ରଶାସନ ତରଫରୁ ଯୋଗାଇ ଦିଆଯାଉଥିବାନିଶ୍ଚିତ ସର୍ବନିମ୍ନ ସୁବିଧା ସମ୍ପର୍କରେ ସମୀକ୍ଷା କରିଥିଲେ । ପର୍ଯ୍ୟବେକ୍ଷକମାନଂକର ଏହି ସମୀକ୍ଷା ବୈଠକରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରାକେଶ କୁମାର କୁଣ୍ଡୁ, ଲିଆସନିଂ ଅଫିସର ଶ୍ରୀ ପ୍ରଦୋଶ କୁମାର ଶତପଥି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀଙ୍କ ସମେତ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ବିଭିନ୍ନ ଟିମର ସଦସ୍ୟମାନେ ଉପସ୍ଥିତ ଥିଲେ ।



